www.olm.nic.in
ବର୍ଷ: ୧, ସଂଖ୍ୟା: ୧ ମଇ: ୨୦୧୭




# ଅନ୍ତ୍ୟୋଦୟ

ସାମାଜିକ ଓ ଆର୍ଥିକ ବିକାଶ ପାଇଁ ଏକ ପ୍ରୟାସ

## ବ୍ୟାଙ୍କ ଓ ଏସ୍‌ଏଚ୍‌ଜି ସଂଯୋଗୀକରଣ ସମ୍ପର୍କିତ ଜାତୀୟ କର୍ମଶାଳା

## ଅନୁଭୂତି ବାଣ୍ଟିଲେ ଓଡ଼ିଶାର ସୂତ୍ରଧର ରିନା ଓ ପ୍ରଭାସିନୀ

ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟରଠାରେ ମଇ ୯ ଓ ୧୦ ତାରିଖରେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍.ଏଚ୍.ଜି) ଏବଂ ବ୍ୟାଙ୍କ ସଂଯୋଗୀକରଣ ବ୍ୟବସ୍ଥା ଓ ଏହାର ବାର୍ଷିକ ଯୋଜନା ସମ୍ପର୍କିତ ଏକ ଜାତୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ ଶ୍ରୀଯୁକ୍ତ ଅମରଜିତ ସିହ୍ନାଙ୍କ ଅଧକ୍ଷତାରେ ଏହି ଦୁଇ ଦିନିଆ କର୍ମଶାଳା ଆୟୋଜନ ହୋଇଥିଲା। ତାଙ୍କ ସହ ଜାତୀୟ ଗ୍ରାମୀଣ ଜୀବିକା ମିଶନର ଯୁଗ୍ମ ସଚିବ ତଥା ମିଶନ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅଟଳ ଡୁଲୁ, ନାବାର୍ଡ ଏମ୍‌ସିଆଇଡିର ଚିଫ୍ ଜେନେରାଲ ମ୍ୟାନେଜର ଶ୍ରୀ ଚିନ୍ତଲା, ଓଡ଼ିଶା ଜୀବିକା ମିଶନ'ର ଏସ୍‌ଏମ୍‌ଡି ତଥା ସିଇଓ ଶ୍ରୀଯୁକ୍ତ ପି.ଜେ. ନାଥ, (ଆଇଏଏସ୍), ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅଧ୍ୟକ୍ଷ ଶ୍ରୀଯୁକ୍ତ ବୃନ୍ଦାବନ ନାୟକ, ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଜେନେରାଲ ମ୍ୟାନେଜର ଶ୍ରୀଯୁକ୍ତ ବି.ଏମ୍. ପଟ୍ଟନାୟକ, ଶ୍ରୀଯୁକ୍ତ ଦେବରାଜ ମିଶ୍ର, ଓଡ଼ିଶା ଜୀବିକା ମିଶନର ପରାମର୍ଶଦାତା ଏବଂ ସହପରାମର୍ଶଦାତା କାର୍ତ୍ତିକ ରାମଦାସ, ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଅଧିକାରୀ, ଏନ୍.ଆର୍.ଏଲ୍.ଏମ୍ ଏବଂ ଏସ୍.ଆର୍.ଏଲ୍.ଏମ୍ ପ୍ରତିନିଧି ପ୍ରମୁଖ ଏହି କର୍ମଶାଳାରେ ଯୋଗଦେଇଥିଲେ।

ଏହି ଅବସରରେ ମିଶନ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଡୁଲୁ, ଜାତୀୟ ଗ୍ରାମୀଣ ବିକାଶ ମିଶନ'ର ଉପାଦାନ ସହ, ୨୦୧୬-୧୭ ଆର୍ଥିକ ବର୍ଷରେ ବ୍ୟାଙ୍କ, ରାଜ୍ୟ ସରକାର ଓ ଏସ୍. ଏଚ୍. ଜି'ର ସଂଯୋଗୀକରଣ ଦ୍ୱାରା ହୋଇଥିବା ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ।

ଶ୍ରୀଯୁକ୍ତ ସିହ୍ନା, ତାଙ୍କ ଉଦ୍‌ବୋଧନରେ, ଜୀବିକା ମିଶନ'ର ଅଭିବୃଦ୍ଧି ଦିଗରେ ବ୍ୟାଙ୍କ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ'ର ସଂଯୋଗୀକରଣ ପ୍ରସଙ୍ଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଶ୍ରୀଯୁକ୍ତ ସିହ୍ନା, କମନ୍ ଫାସିଲିଟିସ୍ ସେଣ୍ଟର (ସିଏଫ୍‌ସି) ଏବଂ ଓଏଲ୍‌ଏମ'ର କର୍ପୋରେଟ ବିସି ଇଣ୍ଟରଭେନସନ ଦିଗରେ ଓଡ଼ିଶାର ଉଦ୍ୟମକୁ ପ୍ରଶଂସା କରିଥିଲେ। ଓଡ଼ିଶାରେ ଜୀବିକା ମିଶନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଯେଉଁଭଳି ଭାବେ ନୂତନ କୌଶଳ ଏବଂ ଉଦ୍ୟମ କରାଯାଇଛି, ସେଥିପାଇଁ ଓଏଲ୍‌ଏମ୍‌ର ରାଜ୍ୟ ମିଶନ ନିର୍ଦ୍ଦେଶକଙ୍କୁ, ଶ୍ରୀଯୁକ୍ତ ସିହ୍ନା, "ଚାମ୍ପିଅନ୍‌ସ ଅଫ୍ ଓଡ଼ିଶା" ବୋଲି ସମ୍ବୋଧନ କରିଥିଲେ।

କର୍ମଶାଳାରେ ଏକ ମାତ୍ର ରାଜ୍ୟ ଭାବେ ଓଡ଼ିଶାରୁ ୨ ଜଣ ମହିଳା ବ୍ୟାଙ୍କ ମିତ୍ର ପ୍ରତିନିଧିଙ୍କୁ ସେମାନଙ୍କ ଅନୁଭୂତି ଜାଣିବା ପାଇଁ ସ୍ୱତନ୍ତ୍ର ଭାବେ ଆମନ୍ତ୍ରଣ କରାଯାଇଥିଲା। ଉଭୟେ ହେଲେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଶ୍ରୀଜଗନ୍ନାଥ ସ୍ୱୟଂ ସହାୟିକା ଗୋଷ୍ଠୀ'ର ଶ୍ରୀମତି ପ୍ରଭାସିନୀ ବେହେରା ଓ ଗୁଡୁମ୍ "ମାଆ ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀ"ର ସଦସ୍ୟା ଶ୍ରୀମତି ରିନା ବେହେରା। ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଏହାର ସଦସ୍ୟାଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆଣିବା ଖାସ୍ କରି ସେମାନଙ୍କ ଦ୍ୱାରା ଉପାର୍ଜିତ ଟଙ୍କାରୁ କିଛି ସଞ୍ଚୟ କରିବା, ଏଥିପାଇଁ ବ୍ୟାଙ୍କ ଆକାଉଣ୍ଟ ଖୋଲିବାରେ ସଚେତନ ଓ ସହଯୋଗ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ରିନା ଓ ପ୍ରଭାସିନୀ। ସେମାନଙ୍କ ଦକ୍ଷତାକୁ ଦେଖି, ସ୍ଥାନୀୟ ପଞ୍ଚାୟତ ମହାସଂଘ ତରଫରୁ ଗୁଡୁମ୍'ର ବ୍ୟାଙ୍କ୍ ଅଫ୍ ବରୋଦାର ବ୍ୟାଙ୍କ ମିତ୍ର ଭାବେ ରିନାଙ୍କୁ ଚୟନ କରାଯାଇଥିବା ବେଳେ,






ପ୍ରଭାସିନୀଙ୍କୁ ବେଗୁନିଆସ୍ଥିତ ୟୁକୋ ବ୍ୟାଙ୍କର ବ୍ୟାଙ୍କ ମିତ୍ର ଭାବେ ଚୟନ କରାଯାଇଛି। ୨୦୧୩ ମସିହାରୁ ଉଭୟେ ରିନା ଓ ପ୍ରଭାସିନୀ ବ୍ୟାଙ୍କ ମିତ୍ର ଭାବେ ସୂଚାରୁ ରୂପେ ସେମାନଙ୍କ ଦାୟିତ୍ୱ ସମ୍ପାଦନ କରିଆସୁଛନ୍ତି।

ଓଡ଼ିଶା ଜୀବିକା ମିଶନ ଜରିଆରେ ଆବାସିକ ତାଲିମ ନେବା ସହ, ପ୍ରତିବର୍ଷ ନିୟମିତ ଭାବେ ମଧ ଉଭୟେ ରିନା ଓ ପ୍ରଭାସିନୀ ଏ ସମ୍ପର୍କିତ ପ୍ରଶିକ୍ଷଣ ନେଉଛନ୍ତି। ବର୍ତ୍ତମାନ ସୁଦ୍ଧା ରିନା ୧୫୦୦ ମହିଳାଙ୍କ ସଞ୍ଚୟ ଆକାଉଣ୍ଟ ଖାତା ଏବଂ ୭୨ ସ୍ୱୟଂ ସହାୟିକା ଗୋଷ୍ଠୀର ଆକାଉଣ୍ଟ ଖୋଲିବାରେ ସକ୍ଷମ ହୋଇପାରିଛନ୍ତି। ସେହିପରି ପ୍ରଭାସିନୀ ୧୬୫୦ଟି ସଞ୍ଚୟ ଖାତା ଏବଂ ୧୯୬ଟି ସଂୟ ସହାୟିକା ଗୋଷ୍ଠୀର ବ୍ୟାଙ୍କ ଆକାଉଣ୍ଟ ଖୋଲିବାରେ ସଫଳ ହୋଇଛନ୍ତି। ରିନା ଓ ପ୍ରଭାସିନୀଙ୍କ ଦକ୍ଷତା ଏବଂ ସଫଳତା ଏବେ ସେମାନଙ୍କ ପାଇଁ ଆଣି ଦେଇଛି ଏକ ନୂଆ ପରିଚୟ। ଓଡ଼ିଶା ଜୀବିକା ମିଶନ, ଏବେ ଉଭୟେ ପ୍ରଭାସିନୀ ଓ ରିନାଙ୍କୁ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ନୂଆ ବ୍ୟାଙ୍କ ମିତ୍ର ମାନଙ୍କର ପ୍ରଶିକ୍ଷିକା ଭାବେ ଦାୟିତ୍ୱ ଦେଇଛି।

## ବାର୍ତ୍ତା



ଓଡିଶା ଜୀବିକା ମିଶନ ଦ୍ୱାରା ମାସିକ ପତ୍ରିକା ଅନ୍ତ୍ୟୋଦୟ ର ଶୁଭ ପ୍ରକାଶନ ପାଇଁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଆଗାମୀ ଦିନରେ ଏହି ପତ୍ରିକା ଗ୍ରାମୀଣ ଓଡିଶାର ସାମାଜିକ ଓ ଆର୍ଥିକ ପ୍ରଗତି ପାଇଁ ପ୍ରମୁଖ ମାଧ୍ୟମ ହେବ । ଏପରି ଏକ ପଦକ୍ଷେପ ବହୁ ଦିନରୁ ଅନୁଭବ କରାଯାଉଥିଲା । ଏହା ସାକାର ହେବା ଆମ ସମସ୍ତଙ୍କ ପାଇଁ ଏକ ଗୌରବର କଥା । ତୃଣମୂଳ ସ୍ତରରେ ଏହା ଲୋକମାନଙ୍କର ଆବଶ୍ୟକତା ଓ ସଚେତନତା ପାଇଁ ଏକ ସଂଯୋଗ ସେତୁ ହୋଇ କାମ କରିବ ।

ଏହି ଉଦ୍ୟମ ପାଇଁ ସଚିବ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଓଡିଶା ସରକାର, ନିର୍ଦ୍ଦେଶକ ଓଡିଶା ଜୀବିକା ମିଶନ ଓ ସମସ୍ତ ସଦସ୍ୟମାନଙ୍କୁ ସାଧୁବାଦ ଜଣାଉଛି ।

ଶ୍ରୀଯୁକ୍ତ ପ୍ରଦୀପ ମହାରଥି
ମାନ୍ୟବର ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
ଓଡ଼ିଶା ସରକାର



ଅନ୍ତ୍ୟୋଦୟ ପତ୍ରିକାର ଶୁଭ ଉନ୍ମୋଚନ ଅବସରରେ ଖୁସି ପ୍ରକାଶ କରୁଛି। ଓଡିଶା ଜୀବିକା ମିଶନର ଏହି ଉଦ୍ୟମକୁ ମୁଁ ପ୍ରଶଂସା କରୁଛି । ଆଶା କରୁଛି ଏହି ପତ୍ରିକା ଆଗାମୀ ଦିନରେ ଓଡିଶାର ଗ୍ରାମାଂଚଳରେ ବିକାଶର ସଚେତନତା ସୃଷ୍ଟି କରିବ । ଗ୍ରାମାଂଚଳରେ କରାଯାଉଥିବା ବିଭିନ୍ନ ଉନ୍ନୟନ ପଦକ୍ଷେପ ଓ ସେଥିରେ ଲୋକଙ୍କର ଭାଗିଦାରୀ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ । ଲୁକ୍କାୟିତ ପ୍ରତିଭାକୁ ଜନସମାଜରେ ଆଣିବାର ଏହା ଏକ ପ୍ରାରମ୍ଭିକ ପ୍ରୟାସ । ଏହି ପତ୍ରିକାଟି ଆଗାମୀ ଦିନରେ ରାଜ୍ୟର ପ୍ରଗତିରେ ସଫଳତାର ଏକ ମାଇଲ ଖୁଂଟ ଭାବରେ ଛିଡା ହେବ ବୋଲି ମୋର ଆଶା । ମୁଁ ଏହାର ସଫଳତା କାମନା କରୁଛି ।

ଶ୍ରୀଯୁକ୍ତ ଦେଓରଂଜନ କୁମାର ସିଂହ (ଆଇ.ଏ.ଏସ୍)
କମିଶନର ତଥା ଶାସନ ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
ଓଡ଼ିଶା ସରକାର

# ଓଡ଼ିଶା ଜୀବିକା ମିଶନ ଗ୍ରାମୀଣ ଗରିବ ପରିବାରର ଜୀବିକା ପ୍ରୋତ୍ସାହନର ମାର୍ଗଦର୍ଶକ



"ସମସ୍ତଙ୍କ ସମ୍ମୁଖରେ ଏହା ପ୍ରକାଶ କରିବା ସମୟରେ ବେଶ୍ ଖୁସି ଓ ଗର୍ବ ଅନୁଭବ କରୁଛୁ ଯେ, ଜୀବିକା ମିଶନ କାର୍ଯ୍ୟକ୍ରମରେ ଭାରତର ଅନ୍ୟ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରି ମାର୍ଗଦର୍ଶକ ସାଜିଛି।" କୋଣାର୍କ, ଯାତ୍ରୀ ନିବାସରେ ଅନୁଷ୍ଠିତ "ସହଭାଗି ଯୋଜନା କର୍ମଶାଳା: ୨୦୧୭-୧୮ ଚିନ୍ତନ ମନ୍ଥନ" ଶିବିରରେ ଯୋଗଦେଇ ଏହି ମତ ରଖିଥିଲେ, ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ସଚିବ ଶ୍ରୀଯୁକ୍ତ ଦେଓରଞ୍ଜନ କୁମାର ସିଂହ (ଆଇ.ଏ.ଏସ୍)। ଏଥିସହ ଶ୍ରୀଯୁକ୍ତ ସିଂହ ଆହୁରି କହିଥିଲେ ଯେ, ଚଳିତ ବର୍ଷ, ଓଡ଼ିଶା ଜୀବିକା ମିଶନ ଏହାର କାର୍ଯ୍ୟକ୍ରମକୁ ୧୦୭ଟି ବ୍ଲକରୁ ୧୫୦ଟି ବ୍ଲକକୁ ସଂପ୍ରସାରିତ କରିଛି। ଏବଂ ମିଶନ ବିଭିନ୍ନ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ସହ ଏହାର ଗୁଣାତ୍ମକ ଦିଗ ଉପରେ ଅଧିକ ଗୁରୁତ୍ୱ ଦେଉଛି।

କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ, ଓଡ଼ିଶା ଜୀବିକା ମିଶନର ରାଜ୍ୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରଣବଜ୍ୟୋତି ନାଥ (ଆଇ.ଏ.ଏସ୍) କହିଥିଲେ ଯେ, ଜୀବିକା ମିଶନ କାର୍ଯ୍ୟକ୍ରମକୁ ଏକ ଅଗ୍ରଣୀସ୍ତରରେ ପହଞ୍ଚାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଯାହା କି ଏକ ମାଇଲଖୁଣ୍ଟ ହେବ। କେନ୍ଦ୍ର ସରକାର ବିଭିନ୍ନ ସମୟରେ ବିଭିନ୍ନ ମଞ୍ଚରେ "ଦୀନ ଦୟାଲ ଅନ୍ତ୍ୟୋଦୟ ଯୋଜନା" ଓ "ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା" କାର୍ଯ୍ୟକାରୀ କରୁଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟର ମାନ୍ୟତା ପ୍ରଦାନ କରିଛନ୍ତି। ଜୀବିକା ଭିତ୍ତିକ ଉଦ୍ୟମ ଓ କାର୍ଯ୍ୟକ୍ରମ ଗୁଡ଼ିକୁ ଉନ୍ନତ ସ୍ତରରେ ପହଞ୍ଚାଇବା ପାଇଁ ଓଡ଼ିଶା ଜୀବିକା ମିଶନର ରାଜ୍ୟ, ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ କୋଣାର୍କରେ ଅନୁଷ୍ଠିତ ଏହି ତିନି ଦିନିଆ କର୍ମଶାଳାରେ ଯୋଗଦେଇ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରିଥିଲେ।

୨୦୧୬-୧୭ ଆର୍ଥିକ ବର୍ଷରେ ମିଳିଥିବା ଅନୁଦାନ ସଠିକ ଦିଗରେ ବିନିଯୋଗ କରି ଜୀବିକା ଯୋଜନାକୁ କାର୍ଯ୍ୟକାରୀ କରୁଥିବା ଅନ୍ୟ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଆଗରେ ରହିବାର ସୌଭାଗ୍ୟ ଲାଭ କରିଛି। କେବଳ ଖର୍ଚ୍ଚ ନୁହେଁ ଗୁଣାତ୍ମକ ଫଳାଫଳ ହାସଲ କରିବାରେ ମଧ୍ୟ ଓଡ଼ିଶା ଏକ ଆଦର୍ଶ ରାଜ୍ୟର ମାନ୍ୟତା ହାସଲ କରିପାରିଛି।




ଏଥିସହ ଶ୍ରୀଯୁକ୍ତ ନାଥ ଆହୁରି କହିଥିଲେ ଯେ, ଗତ ଆର୍ଥିକ ବର୍ଷର ସଫଳତା, ପ୍ରକ୍ରିୟାଭିତ୍ତିକ ଯୋଜନା ପ୍ରସ୍ତୁତି, କାର୍ଯ୍ୟକାରିଣୀ, ତଦାରଖ ଓ ସମୀକ୍ଷାର ଫଳାଫଳ। ଏହି ପରିପ୍ରେକ୍ଷୀରେ ସେ, ପଞ୍ଚ ପ୍ରକ୍ରିୟା ଯଥା ଚିନ୍ତନ (ସହଭାଗି ଆଲୋଚନା), ମନ୍ଥନ (ପର୍ଯ୍ୟାଲୋଚନା), ଆବସ୍ଥାପନ (ତୃଣମୂଳସ୍ତରରେ କାର୍ଯ୍ୟକାରୀ କରିବା), ସମୀକ୍ଷା (ନିୟମିତ ତଦାରଖ, ଆବଶ୍ୟକୀୟ ସଂଶୋଧନ ଓ ଶିକ୍ଷା) ଏବଂ ଆବଲୋକନ(ପୁର୍ନବିଚାର ଓ ପ୍ରତିଷ୍ଠା) ପାଳନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏହି ଚିନ୍ତନ ମନ୍ଥନ ପ୍ରକ୍ରିୟା ଜରିଆରେ ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ବାର୍ଷିକ ଯୋଜନା ପ୍ରସ୍ତୁତ କରିବାରେ ବିଭାଗ ସକ୍ଷମ ହେଲା ବୋଲି କହିଥିଲେ ଶ୍ରୀଯୁକ୍ତ ନାଥ।

# ଅନ୍ତ୍ୟୋଦୟ ପରିକ୍ରମା...

## 1. ଜଟଣୀରେ ଟିଓଟି ଶିବିର



ଓଡ଼ିଶା ଜୀବିକା ମିଶନ ତରଫରୁ ଜଟଣୀସ୍ଥିତ ଥ୍ରେଡ୍ ସଂସ୍ଥା ପରିସରରେ "ଟ୍ରେନିଂ ଅଫ୍ ଟ୍ରେନର" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖରିଫ ଚାଷ ସମ୍ପର୍କିତ "ଜୈବିକ କୃଷି ଓ ଏହାର ପ୍ରାଧାନ୍ୟତା" ଶୀର୍ଷକ କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଦାନର ୧୮ ଜଣ ଜିଲ୍ଲା ଏବଂ ବ୍ଲକସ୍ତରୀୟ କର୍ମକର୍ତ୍ତା ଓ ତାଲିମଦାତା ଯୋଗଦେଇଥିଲେ। ମଇ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିଥିଲା।

## 2. କୋରାପୁଟରେ ଆମ୍ବ ଦର ନିର୍ଦ୍ଧାରଣ ବୈଠକ



କୋରାପୁଟ ସଦ୍‌ଭାବନା ଗୃହରେ ଆମ୍ବ ଦର ନିର୍ଦ୍ଧାରଣ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଡି ଡିଆର୍‌ଡିଏ ଅଧ୍ୟକ୍ଷତାରେ ବିଭାଗୀୟ ଅଧିକାରୀ, ଆମ୍ବ ଚାଷୀ ଓ ବ୍ୟବସାୟୀ ଯୋଗଦେଇଥିଲେ।

## 3. ପୁରୀରେ ପ୍ରାଣୀ ମିତ୍ର ଉପକରଣ ବଣ୍ଟନ



ଓଡ଼ିଶା ଜୀବିକା ମିଶନ ତରଫରୁ ପୁରୀ ଜିଲ୍ଲାର ୪ଟି ବ୍ଲକରେ ପ୍ରାଣୀ ମିତ୍ର ଉପକରଣ ବଣ୍ଟନ କରାଯାଇଥିଲା। ଏଥିରେ ଅସ୍ତରଙ୍ଗ, ଗୋପ, ନିମାପଡ଼ା ଓ ପୁରୀ ସଦର ବ୍ଲକର ୨୦ଟି ପଞ୍ଚାୟତର ୪୦ ଜଣ ପ୍ରାଣୀ ମିତ୍ରଙ୍କୁ ଏହି ଉପକରଣ ପ୍ରଦାନ କରାଯାଇଥିଲା।

## 4. ବୈପାରୀଗୁଡ଼ାରେ ସିଆର୍‌ପି ରାଉଣ୍ଡ କର୍ମଶାଳା



କୋରାପୁଟ ବୈପାରୀଗୁଡ଼ାରେ ସିଆର୍‌ପି ରାଉଣ୍ଡ କର୍ମଶାଳା ମଇ ୧୫ ତାରିଖରୁ ଆରମ୍ଭ ହୋଇଛି। ଏହା ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବୈପାରୀଗୁଡ଼ା ବ୍ଲକ ଅର୍ନ୍ତଗତ ୩ଟି ପଞ୍ଚାୟତରୁ ପ୍ରତିନିଧି ଯୋଗଦେଇଛନ୍ତି।

# ମଇ ମାସର କାର୍ଯ୍ୟକ୍ରମ

- ଆମ୍ବ ବଜାର: ମାସେ ବ୍ୟାପୀ ଅନୁଗୁଳ, କୋରାପୁଟ ଓ ରାୟଗଡ଼ାରେ ଆମ୍ବ ବଜାର ବସିଥିଲା
- ୨୫-୩୧ ମଇ, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ଗଜପତିରୁ ଦିଲ୍ଲୀ ମଦର ଡାଏରୀକୁ ଆମ୍ବ ଚାଲାଣ
- ୨୫ ମଇ, ଭୁବନେଶ୍ୱର ହୋଟେଲ କ୍ରାଉନରେ GEET କର୍ମଶାଳା
- ୨୬ ମଇ, ଏନ୍‌ଆର୍‌ଏଲ୍‌ପି ଅନୁଧ୍ୟାନ ପାଇଁ ବିଶ୍ୱ ବ୍ୟାଙ୍କ ପ୍ରତିନିଧିଙ୍କ ଓଏଲ୍‌ଏମ୍ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ
- ୨୬ ଓ ୨୭ ମଇ, କିଟ୍ କ୍ୟାମ୍ପସରେ ସାମାଜିକ ସମାବେଶ ଟ୍ରେନିଂ ଅଫ୍ ଟ୍ରେନର ତାଲିମ ଶିବିର
- ୧୬ରୁ ୨୨ ମଇ, ବିଭିନ୍ନ ଜିଲ୍ଲାରେ ଖରିଫ ଫସଲ ସମ୍ପର୍କିତ କୃଷି ମିତ୍ର ତାଲିମ କାର୍ଯ୍ୟକ୍ରମ
- ୨୦ ମଇ, ଓଏଲ୍‌ଏମ୍ ସମ୍ମିଳନୀ କକ୍ଷରେ ଓଡ଼ିଶା ନ୍ୟୁଟ୍ରିସନ ଆକ୍ସନ ପ୍ଲାନ (ଓଏନ୍‌ଏପି) ଓ ଏପିପିଆଇର ବୈଠକ

# ଅକିଳୀ ଆମ୍ବର ଅକୁହା କଥା



"ବାବୁ!, ସତରେ କ'ଣ ଆମେ କେଜିଏ ଆମ୍ବ ବିକିଲେ ୫୦ ଟଙ୍କା ପାଇବୁ ?" ଗଜପତି ଜିଲ୍ଲା ଚାନ୍ଦିପୁଟ ପଂଚାୟତ ଅର୍ନ୍ତଗତ ଅକିଳୀ ଗାଁର "ଜୟ ମାଆ କାଳୀ ଉତ୍ପାଦନକାରୀ ସଂଘ"ର ସଭାପତି ବିନୋଦ ପାଇକଙ୍କ, ଓଡ଼ିଶା ଜୀବିକା ମିଶନ ଅଧିକାରୀଙ୍କୁ ଥିଲା ଏମିତି ଉତ୍କଣ୍ଠାପୂର୍ଣ୍ଣ ପ୍ରଶ୍ନ। କାରଣ, ସୁଧଖୋର ସାହୁକାର କବଳରେ ପଡ଼ି ନିଜ ଦ୍ୱାରା ଉତ୍ପାଦିତ ଆମ୍ବ ସବୁ କମ୍ ଦରରେ ବିକ୍ରି କରିଆସୁଥିବା ଅକିଳୀର ଏହି ଆମ୍ବ ଚାଷୀ ଗୋଷ୍ଠୀ ଏଭଳି ଅଧିକ ଦର ପାଇବା କଥାକୁ ସହଜରେ ବିଶ୍ୱାସ କରିପାରୁ ନ ଥିଲେ।

ପୂର୍ବରୁ ଅକିଳୀ ଗାଁରେ ଆମ୍ବ ଚାଷୀମାନେ ସୁଧଖୋର ସାହୁକାରର କବଳରେ ପଡ଼ି ନାନା ହଇରାଣ ହେଉଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶା ଜୀବିକା ମିଶନ ଓ ଉଦ୍ୟାନ କୃଷି ବିଭାଗର ମିଳିତ ସହଯୋଗରେ ସ୍ଥାନୀୟ ଚାଷୀ ପ୍ରତିବର୍ଷ ୪୦୦୦ରୁ ୫୦୦୦ ମେଟ୍ରିକ ଟନ୍ ଆମ୍ବ ଉତ୍ପାଦନ କରିବାରେ ସକ୍ଷମ ହୋଇପାରୁଛନ୍ତି। ଯାହାକି ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହ ସାମାଜିକ ଚଳଣୀରେ ମଧ ପରିବର୍ତ୍ତନ ଆଣିପାରିଛି। ଏ ଦିଗରେ ଚାଷୀମାନଙ୍କୁ ଆମ୍ବ ଚାଷର ପ୍ରାରମ୍ଭିକ ପ୍ରଣାଳୀଠୁ ଆରମ୍ଭ କରି ବଜାରରେ ବିକ୍ରି କରିବା ପାଇଁ ଦୀର୍ଘ ପ୍ରକ୍ରିୟାରେ ଓଡ଼ିଶା ଜୀବିକା ମିଶନର ପ୍ରଚେଷ୍ଟାରେ ସହଯୋଗର ହାତ ବଢ଼ାଇଥିଲେ ଉଦ୍ୟାନ କୃଷି ବିଭାଗ, ନୂଆଦିଲ୍ଲୀ'ର ମଦର ଡେରୀ ଓ ଭୁବନେଶ୍ୱର'ର ଉଦ୍ୟାନ ଫ୍ରେସ୍।

ଅକିଳୀ ଅଞ୍ଚଳରେ ଆମ୍ବ ଚାଷୀ, ଆବଶ୍ୟକ ସମୟରେ ସାହୁକାରଠୁ ଟଙ୍କା କରଜ ନେଉଥିଲେ ଏବଂ ପରିଶୋଧ ଆକାରରେ ଦେଉଥିଲେ ସେମାନଙ୍କ ଦ୍ୱାରା ଉତ୍ପାଦିତ ଆମ୍ବ। ଯାହାର ଦର ସ୍ଥିର କରୁଥିଲେ ଖୋଦ୍ ସାହୁକାର। ଏଭଳି ପରିସ୍ଥିତିରେ ଚାଷୀଙ୍କୁ ମିଳୁଥିଲା କେଜି ପ୍ରତି ମାତ୍ର ୨ରୁ୧୦ ଟଙ୍କା। ହେଲେ ପରବର୍ତ୍ତୀ ସମୟରେ ସେମାନଙ୍କୁ ନୂଆ ଦିଗ୍ ଦର୍ଶନ ଦେଲା, ଓଡ଼ିଶା ଜୀବିକା ମିଶନ୍ ଓ ଜିଲ୍ଲା ମିଶନ ପରିଚାଳନା ୟୁନିଟ୍ (ଡିଏମ୍ଏମ୍ୟୁ)। ଉଭୟଙ୍କର ମିଳିତ ସହଯୋଗରେ ଗଜପତିର ଏହି ଆମ୍ବଚାଷୀମାନେ ବେଶ୍ ଉପକୃତ ହୋଇପାରିଛନ୍ତି।

### କେମିତି ଥିଲା ସହାୟତା ?

- ଉଦ୍ୟାନ କୃଷି ବଭାଗ ଦ୍ୱାରା ୭ଟି ଆମ୍ବ ଚାଷୀ ଗୋଷ୍ଠୀ ଚିହ୍ନଟ
- ଆମ୍ବ ଚାଷୀ ଗୋଷ୍ଠୀଙ୍କୁ ନେଇ ମିଳିତ ବୈଠକ
- ଚାଷୀଙ୍କୁ ଉନ୍ନତ ଜ୍ଞାନକୌଶଳ ଓ ଦକ୍ଷତା ବୃଦ୍ଧି ପାଇଁ ଓରମାସ୍ ଏବଂ ଓଏଲଏମ୍ ତରଫରୁ ତାଲିମ ପ୍ରଦାନ।

ଏଥିସହ ଅକିଳୀର ଚାଷୀଙ୍କୁ ଆମ୍ବ ତୋଳିବାଠୁ ଆରମ୍ଭ କରି ବଜାରକୁ ଛାଡ଼ିବା ଯାଏଁ ସବୁଥିରେ ତାଲିମ ପ୍ରଦାନ କରିଥିଲା ନୂଆଦିଲ୍ଲୀ'ର ମଦର ଡେରୀ ସଂସ୍ଥା। ଏବେ ଚାନ୍ଦିପୁଟ ଅକିଳୀର "ଜୟ ମାଆ କାଳୀ ଉତ୍ପାଦନକାରୀ ସଂଘ"କୁ ସର୍ବସମ୍ମତିକ୍ରମେ ଅଗ୍ରଣୀ ଆମ୍ବ ଉତ୍ପାଦନକାରୀ ସଂସ୍ଥା ଭାବେ ଚୟନ କରାଯାଇଛି । ଯିଏକି ବର୍ଷକୁ ବିଭିନ୍ନ କିସମର ୨ ଶହ ଟନ୍ ଆମ୍ବ ଉତ୍ପାଦନ କରୁଛି। ଓଡ଼ିଶା ଜୀବିକା ମିଶନ (ଓଏଲଏମ) ଏବଂ ଓରମାସ୍ ତରଫରୁ ଏଭଳି ସହଯୋଗ ପାଇବା ପରେ ଚାଷୀମାନେ ଏବେ ଭଲ ଦୁଇ ପଇସା ରୋଜଗାର କରିବା ସହ ନିଜକୁ ସୁଧଖୋର ସାହୁକାରଙ୍କ କବଳରୁ ମୁକୁଳାଇ ପାରିଛନ୍ତି। ଆମ୍ବ ଚାଷୀଙ୍କ ମୁହଁରେ ଫୁଟିଛି ହସ।



# ଦିବ୍ୟାଙ୍ଗ ଚଢ଼ିଲେ ସଫଳତାର ପାହାଚ

ଖୋର୍ଦ୍ଧା ଜିଲ୍ଲା କାକରୁଦ୍ରପୁର ପଞ୍ଚାୟତ ଅଧୀନସ୍ଥ କାକରୁଦ୍ରପୁର ଅଞ୍ଚଳର ଦିବ୍ୟାଙ୍ଗ ମାନେ କେବେ ବି ଭାବି ନ ଥିଲେ ସେମାନଙ୍କ ଜୀବନରେ ଆସିପାରିବ ଏତେ ବଡ଼ ପରିବର୍ତ୍ତନ। ହେଲେ ଓଡ଼ିଶା ଜୀବିକା ମିଶନ ଦ୍ୱାରା ସେମାନଙ୍କ ଆର୍ଥିକ ଏବଂ ସାମାଜିକ ସ୍ଥିତିରେ ଯେଉଁ ପରିବର୍ତ୍ତନ ଆସିଲା ତାକୁ ନେଇ ସେମାନେ ଏବେ ବେଶ୍ ଖୁସି ଅଛନ୍ତି। ଦିବ୍ୟାଙ୍ଗଙ୍କ ରଙ୍ଗତୁଳୀରେ ପ୍ରସ୍ତୁତ ପଟ୍ଟଚିତ୍ରର ଚାହିଦା କାହିଁରେ କେତେ। ରାଜ୍ୟ ତଥା ରାଜ୍ୟ ବାହାରେ ସେମାନଙ୍କ ପଟ୍ଟଚିତ୍ରର ଚାହିଦା ସେମାନଙ୍କ ପାଇଁ ଆଣିଦେଇଛି ଏକ ସ୍ୱତନ୍ତ୍ର ପରିଚୟ।

୨୦୧୦ ମସିହାରେ, କାକରୁଦ୍ରପୁର ଗାଁର ୬ ଜଣ ଦିବ୍ୟାଙ୍ଗ ଏକାଠି ହୋଇ ଗଠନ କରିଥିଲେ "ଗୋପବନ୍ଧୁ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀ"। ତା ପରେ, ପ୍ରତି ସଦସ୍ୟ ମାସିକ ୩ ଶହ ଟଙ୍କା ଲେଖାଏଁ ଦାନ କରି ଆରମ୍ଭ କରିଥିଲେ ଏକ ଛୋଟ ବ୍ୟବସାୟ। ନିଜ ଅର୍ନ୍ତନିହିତ ପ୍ରତିଭାର ପରିପ୍ରକାଶ କରିଥିଲେ ପଟ୍ଟଚିତ୍ର ତିଆର କରି। ପରେ ଓଡ଼ିଶା ଜୀବିକା ମିଶନ ସହାୟତାରେ ସେମାନେ ଚଢ଼ିଥିଲେ ସଫଳତାର ପାହାଚ । ଦକ୍ଷତା ବିକାଶ ଏବଂ ଅଧିକ ପଟ୍ଟଚିତ୍ର ପ୍ରସ୍ତୁତି ପାଇଁ ସେମାନେ ନିଜ ଗୋଷ୍ଠୀ ସହ ସାମିଲ କରାଇଲେ ସ୍ଥାନୀୟ ଅଞ୍ଚଳର ଦକ୍ଷ କାରିଗର ଓ କେତେକ ସ୍ୱଂୟ ସହାୟକ ଗୋଷ୍ଠୀକୁ।

ଏହା ପରେ ଓର୍ମାସ, ବ୍ୟାଙ୍କ ସହ ଓଡ଼ିଶା ଜୀବିକା ମିଶନର ସହଯୋଗ ସେମାନଙ୍କୁ ଏକ ନୂଆ ଦିଗ ଦେଖାଇଲା। ନିଜ ବ୍ୟବସାୟର ଅଭିବୃଦ୍ଧି ଏବଂ ପ୍ରତିଭାର ବିକାଶ ପାଇଁ ଓଡ଼ିଶା ଜୀବିକା ମିଶନ, ତରଫରୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଗଲା କାକରୁଦ୍ରପୁରର ଏହି ଦିବ୍ୟାଙ୍ଗ କାରିଗରଙ୍କୁ। ଏହା ପରେ ବିଭିନ୍ନ ପ୍ରଦର୍ଶନୀରେ ସେମାନଙ୍କ ପଟ୍ଟଚିତ୍ର ସ୍ଥାନ ପାଇବା, ଚାହିଦା ବଢ଼ିବା ସହ ଜୀବିକା ମିଶନ ଜରିଆରେ ସେମାନଙ୍କୁ ଅଧିକରୁ ଅଧିକ ପଟ୍ଟଚିତ୍ର ପ୍ରସ୍ତୁତ କରିବା ପାଇଁ ମିଳିଲା ପ୍ରୋତ୍ସାହନ।

ଜିଲ୍ଲା ତଥା ଜିଲ୍ଲା ବାହାରେ ଆୟୋଜିତ ମେଳା, ମହୋତ୍ସବ ଓ ପ୍ରଦର୍ଶନୀରେ ବିକ୍ରି ହେଲା କାକରୁଦ୍ରପୁର ଦିବ୍ୟାଙ୍ଗଙ୍କ ନିଆରା ଓ ଆକର୍ଷଣୀୟ ପଟ୍ଟଚିତ୍ର। ଏବେ ଗୋପବନ୍ଧୁ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟ ନିଜ ଦ୍ୱାରା ପ୍ରସ୍ତୁତ ପଟ୍ଟଚିତ୍ର ବିକ୍ରି କରି ମାସିକ ୩ରୁ୪ ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ଓଡ଼ିଶା ଜୀବିକା ମିଶନ ହିଁ, ଏହି ଦିବ୍ୟାଙ୍ଗମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିପାରିଛି



# ଆରତୀଙ୍କ ଜୈବିକ ଚାଷର କମାଲ୍

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅର୍ନ୍ତଗତ ଧୁଙ୍ଗିଆପୁଟ ଗାଁର ଆରତୀ ସାମଲ, ସ୍ଥାନୀୟ ଅଞ୍ଚଳରେ ଜଣେ ଅଭିଜ୍ଞ ଚାଷୀ ଭାବେ ପରିଚିତ। ୧୦ ବର୍ଷରୁ ଅଧିକ ହେବ ଆରତୀ, ସ୍ଥାନୀୟ ଆଦିବାସୀ ପରିବାର ସହ ମିଶି ଜୈବିକ ପଦ୍ଧିତରେ ଚାଷ କରି ବେଶ ସଫଳତା ହାସଲ କରିଛନ୍ତି। ଧୁଙ୍ଗିଆପୁଟ ଜିପିଏଲ୍ଏଫ୍ର କୃଷି ମିତ୍ର ଭାବେ ନିଯୁକ୍ତ ଆରତୀ, ସମବାୟ ପରିବା ବିପଣନ କ୍ଷେତ୍ରରେ ମଧ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ମାଥିଲି ବ୍ଲକର ୪ଟି ଗାଁରୁ ପ୍ରାୟ ୨ଶହ ୨୦ ପରିବାରକୁ ଆରତୀ କୃଷି କ୍ଷେତ୍ରରେ ତାଲିମ ପ୍ରଦାନ କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ପ୍ରଚେଷ୍ଟାରେ ମାଥିଲି ବ୍ଲକର ୧୨୦ ପରିବାର ଶ୍ରୀ ପ୍ରଣାଳୀରେ ଧାନ ଚାଷ, ୧୧୦ ପରିବାର ମାଣ୍ଡିଆ ଚାଷ, ୧୫୦ ପରିବାର ଜୈବିକ ପଦ୍ଧତିରେ ପରିବା ଚାଷ, ୮୦ ପରିବାର ଡାଲି ଜାତୀୟ ଶସ୍ୟ ଓ ୧୫୦ ପରିବାର କନ୍ଦମୂଳ ଆଦି ଉତ୍ପାଦନ କରୁଛନ୍ତି। ସେହିପରି, ସ୍ଥାନୀୟ ଅଞ୍ଚଳର ୪ଟି ଗାଁରେ ୧୯ଟି ପରିବା ଉତ୍ପାଦକ ଗୋଷ୍ଠୀ ଗଠନ କରିବା ସହ, ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ସୁବିଧାରେ ବିକ୍ରି ପାଇଁ ମାଥିଲି ଓ ମାଲକାନଗିରି ବଜାର ସହ ସେମାନଙ୍କୁ ଯୋଡ଼ିପାରିଛନ୍ତି। ଏଥିସହ ନିଜ ବାଡ଼ିରେ ଆରତୀ, ୧୦୦ଟି କଦଳୀ ଗଛ ସହ ବିଭିନ୍ନ ପରିବା ଚାଷ ମଧ କରିଛନ୍ତି। ଆରତୀଙ୍କ ଦକ୍ଷତା ଓ ଅଭିଜ୍ଞତା ଏବେ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି।



# ଦଶ ସୂତ୍ର

ଓଡ଼ିଶା ଜୀବିକା ମିଶନ ଅଧିନରେ କାର୍ଯ୍ୟରତ ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକ ସୁଚାରୁ ରୂପେ କିଭଳି ସେମାନଙ୍କ ଦାୟିତ୍ୱ ସମ୍ପାଦନ ସହ ଦକ୍ଷତା ବୃଦ୍ଧି କରିପାରିବେ ସେ ନେଇ ମିଶନ ତରଫରୁ ଦଶ ସୂତ୍ର କାର୍ଯ୍ୟାବଳୀ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ସୂତ୍ର ଆଧାରରେ ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକ ସେମାନଙ୍କର ନିୟମିତ କାର୍ଯ୍ୟକ୍ରମ ସହ ସଂଗଠନ ସୁଦୃଢ଼ୀକରଣ, ସକ୍ରିୟ ସଦସ୍ୟ ଗ୍ରହଣ ଅଭିଯାନ, ଆୟ ବ୍ୟୟର ହିସାବ ସଠିକ ଭାବେ ରଖିବା ସହ ସ୍ଥାନୀୟ ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶ ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରବେ।

- ***ନିୟମିତ ବୈଠକ***
  ପ୍ରତି ସପ୍ତାହରେ ନିୟମିତ ବ୍ୟବଧାନରେ ବୈଠକ ଆୟୋଜନ କରିବା। ସମସ୍ତ ସଭ୍ୟଙ୍କୁ ସଭାରେ ଯୋଗଦେବା ପାଇଁ ପରାମର୍ଶ ଦେବା। ସଭାରେ ଆଲୋଚିତ ପ୍ରସଙ୍ଗକୁ ଖାତାରେ ଲିପିବଦ୍ଧ କରି ରଖିବା।
- ***ନିୟମିତ ସଞ୍ଚୟ***
  ଆୟର କିଛି ଭାଗ ଟଙ୍କା କିମ୍ବା ଦ୍ରବ୍ୟ ଆକାରରେ ଜମା ରଖିବା(ଯାହାକି ଭବିଷ୍ୟତ ପାଇଁ ସୁରକ୍ଷା ଯୋଗାଇ ଦେବ)।
- ***ଆଭ୍ୟନ୍ତରୀଣ ଋଣ ପ୍ରଦାନ***
  ସମସ୍ତ ସଭ୍ୟାଙ୍କୁ ଅସୁବିଧା ସମୟରେ ପରସ୍ପର ମଧ୍ୟରେ ଋଣ ପ୍ରଦାନର ସୁବିଧା। ଏହା ଋଣ ପ୍ରଦାନର ସମସ୍ତ ତଥ୍ୟ ସଠିକ ଭାବେ ଗୋଷ୍ଠୀ ଖାତାରେ ଲେଖିବା।
- ***ନିୟମିତ ଋଣ ପରିଶୋଧ***
  ନିର୍ଦ୍ଧାରିତ କିସ୍ତି ଅନୁଯାୟୀ ଋଣ ସହ ସୁଧ  ପରିଶୋଧ କରିବା। ଋଣ ଖିଲାପକାରୀଙ୍କୁ ଜରିମାନା କରିବାର ବ୍ୟବସ୍ଥା ରଖିବା।
- ***ନିୟମିତ ଖାତାପତ୍ର ଲିଖନ***
  ଗୋଷ୍ଠୀର ସମସ୍ତ କାର୍ଯ୍ୟାବଳୀ ଓ ହିସାବ ପତ୍ରକୁ ସଠିକ ଭାବେ ଗୋଷ୍ଠୀ ଖାତା ଲେଖାଳିଙ୍କ ଦ୍ୱାରା ନିୟମିତ ଲେଖାଇବା।
- ***ସ୍ୱାସ୍ଥ୍ୟ ଓ ପୁଷ୍ଟି***
  ଗୋଷ୍ଠୀର ସମସ୍ତ ସଭ୍ୟାମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ସୁଷମ ଖାଦ୍ୟ ଯୋଗାଇବାରେ ସେମାନଙ୍କୁ ସରକାରୀ ବ୍ୟବସ୍ଥା ଓ ନିଜ ଅଞ୍ଚଳରେ ମିଳୁଥିବା ସୁବିଧା ସୁଯୋଗ ଉପରେ ସଚେତନ କରାଇବା।
- ***ଶିକ୍ଷା***
  ଝିଅମାନଙ୍କ ଶିକ୍ଷାକୁ ସୁନିଶ୍ଚିତ କରାଇବା, ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ପ୍ରସାର ପାଇଁ ଅଭିଭାବକ ଓ ଶିକ୍ଷକ ସଭାରେ ସକ୍ରିୟ ଅଂଶଗ୍ରହଣ କରିବା।
- ***ପଂଚାୟତ ସହ ସମନ୍ୱୟ ରକ୍ଷା***
  ପଞ୍ଚାୟତ ପ୍ରତିନିଧି ଓ କର୍ମକର୍ତ୍ତାଙ୍କ ସହ ସମନ୍ୱୟ ରକ୍ଷା କରିବା, ଯୋଜନା ସମ୍ପର୍କରେ ଅବଗତ କରାଇବା, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଜାତୀୟ ଓ ରାଜ୍ୟ ସୁରକ୍ଷା ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ କରାଇବା।
- ***ସରକାରୀ ସହାୟକ ଯୋଜନା***
  ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା,ଏନ୍.ଏସ୍.ଏ.ପି ଓ ଏ.ଏ.ବି.ୱାଇ ଆଦି ସରକାରୀ ଯୋଜନାରେ ସଭ୍ୟାଙ୍କୁ ସାମିଲ କରାଇବା।
- ***ନିରନ୍ତର ଜୀବିକା ପ୍ରୋତ୍ସାହନ***
  କୃଷି ଓ ପ୍ରାଣୀଧନ ଜନିତ କାର୍ଯ୍ୟକ୍ରମରେ ଜୈବିକ ପଦ୍ଧତି ଅବଲମ୍ବନ କରାଇବା। ନିୟମିତ ରୋଜଗାର ପାଇଁ ପ୍ରତ୍ୟେକ ପରିବାର ଅନ୍ୟୁନ୍ୟ ୨ଟି ଜୀବିକା ଆପଣେଇବା ଓ ୧୮ରୁ ୩୫ ବର୍ଷ ବୟସ୍କ ଯୁବକଯୁବତୀଙ୍କୁ ନିଯୁକ୍ତି ଭିତ୍ତିକ ତାଲିମ ଯୋଗାଇବା।





# ଆପଣ ଜାଣନ୍ତି କି ?

ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଏ । ପରିବେଶ ସୁରକ୍ଷା ଓ ସନ୍ତୁଳନ ବଜାୟ ରଖିବା ପାଇଁ ବୃକ୍ଷରୋପଣ ଜରୁରୀ ।

ପ୍ରତିବର୍ଷ ଜୁନ୍ ୧୪ ତାରିଖରେ, ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଏ । ଜଣେ ବ୍ୟକ୍ତି ବର୍ଷକୁ ସର୍ବାଧିକ ୪ ଥର (ପୁରୁଷ)ଓ ୩ ଥର (ମହିଳା) ରକ୍ତଦାନ କରିପାରିବେ

ପ୍ରତିବର୍ଷ ଜୁନ୍ ୨୧ ତାରିଖରେ ଅର୍ନ୍ତଜାତୀୟ ଯୋଗ ଦିବସ ପାଳନ କରାଯାଏ । ନିୟମିତ ଯୋଗାଭ୍ୟାସ ଦ୍ୱାରା ଅନେକ ମାରାତ୍ମକ ରୋଗରୁ ମୁକ୍ତି ମିଳିଥାଏ ।



